## ସଂକ୍ଷେପରେ

### ବାରହା ଆକ୍ରମଣରେ ମହିଳା ଗୁରୁତର

ଦିଗପହଣ୍ଡି,୨୮।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସିଦ୍ଧଖଣ୍ଡି ଗ୍ରାମର ଜୟନ୍ତୀ ରାଉତ ବୁଧବାର ବାରହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସକାଳେ ସେ ଜମିରେ କାମ କରୁଥିବା ବେଳେ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା। ମହିଳାଙ୍କ ଚିତ୍କାର ଶୁଣି ସେହି ରାସ୍ତାରେ ଯାଉଥିବା ଗ୍ରାମ୍ୟ ପରିବହନ ବସ କର୍ମଚାରୀମାନେ ପହଞ୍ଚି ବାରହାକୁ ଘଉଡାଇବା ସହ ମହିଳାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗତ ସୋମବାର ଭୋରରେ ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ କେ.ସାମନ୍ତରାପୁର ଗ୍ରାମ ରାସ୍ତାରେ ସାନଖେମୁଣ୍ଡି ବ୍ଲକ ମାଟିଆ ବୋରେଇ ଗ୍ରାମର ଜି.ସନ୍ତୋଷ ରେଡ୍ଡୀ ବାରହା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ ମଧ୍ୟ ଏନେଇ ଦିଗପହଣ୍ଡି ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ସିଦ୍ଧିଖଣ୍ଡି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଖବରଦାତାଙ୍କ ଭ୍ରାତୃ ବିୟୋଗ

କବିସୂର୍ଯ୍ୟନଗର,୨୮।୮ (କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ଏନ୍‌ଏସିର ପୂର୍ବତନ କାଉନ୍‌ସିଲର ୭ନଂ. ୱାର୍ଡ ବକ୍ସିଜଗବନ୍ଧୁ ରୋଡର ହରିବନ୍ଧୁ ସ୍ୱାଇଁଙ୍କ(୬୭) ହୃଦଘାତରେ ପରଲୋକ ହୋଇଛି। ସେ ହେଉଛନ୍ତି ଧରିତ୍ରୀ ଖବରଦାତା କୃପାସିନ୍ଧୁ ସ୍ୱାଇଁଙ୍କ ବଡ଼ଭାଇ। ତାଙ୍କ ସାନପୁଅ ଏବେ ୭ ନଂ ୱାର୍ଡର କାଉନସିଲର ଅଛନ୍ତି। ହରିବନ୍ଧୁ ଜଣେ ସ୍ପଷ୍ଟବାଦୀ, ସାହସୀ, ପରୋପକାରୀ ବ୍ୟକ୍ତି ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ରାସ୍ତାରେ ଜଳିଗଲା କାର୍



ବେଲଗୁଣ୍ଠା,୨୮।୮
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକର କଣ୍ଟେଇପଲ୍ଲୀ ଏବଂ ଷଡ଼ଙ୍ଗୀପଲ୍ଲୀ ରାସ୍ତାରେ ଉପରେ ବୁଧବାର ଏକ କାର ସମ୍ପୂର୍ଣ୍ଣରୂପେ ଜଳିଯାଇଛି। କାର୍ (ନଂ ଓଡି୦୭ଜେ୮୨୦୦) ବ୍ରହ୍ମପୁରରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଭିତରୁ ପ୍ରଥମେ ଧୂଆଁ ବାହାରିଥିଲା। ଏହା ଦେଖି କାର୍ ଚାଳକ ଏବଂ ସେଥିରେ ବସିଥିବା ଅନ୍ୟଜଣେ ଗାଡିକୁ ରାସ୍ତାକଡ଼ରେ ଅଟକାଇ ବାହାରକୁ ଚାଲି ଆସିଥିଲେ। ପରେ କାରଟି ସମ୍ପୂର୍ଣ୍ଣରୂପେ ପୋଡ଼ି ନଷ୍ଟ ହୋଇଯାଇଥିଲା। ଗାଙ୍ଗପୁର ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାର୍ ଜଳିଯିବାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ଏସି ଅତ୍ୟଧିକ ଗରମ ହୋଇ କାର୍‌ରେ ଅଗ୍ନି ସଂଯୋଗ ହୋଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ନିର୍ମାଣ ହେଉନି ଅଙ୍ଗନୱାଡି କେନ୍ଦ୍ର

ସୋରଡା,୨୮।୮(ରଜନୀକାନ୍ତ ମହାପାତ୍ର):

## ଅର୍ଥ ମଞ୍ଜୁର ହେବାର ୩ ବର୍ଷ ବିତିଲା



ଅଙ୍ଗନୱାଡି କେନ୍ଦ୍ରରେ ମହିଳାମାନେ।

ସୋରଡା ଏନ୍‌ଏସି ଅନ୍ତର୍ଗତ ୮ ନଂ. ୱାର୍ଡର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଆଜକୁ ୩ ବର୍ଷ ହେଲା ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଏ ଯାଏ କାର୍ଯ୍ୟ ହୋଇପାରୁନି। ଶିକ୍ଷା ବିଭାଗ, ସିଡିପିଓ, ବ୍ଲକ ଉନ୍ନୟନ ଅଧିକାରୀ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରକାର ସମନ୍ୱୟ ଅଭାବ ଯୋଗୁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେଉନି। ଏ ନେଇ ଏକାଧିକ ଥର ଜିଲାପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ଶିଶୁ ସୁରକ୍ଷା ବିଭାଗ ପରି ପ୍ରମୁଖ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।ପ୍ରଶାସନିକ ଅଧିକାରୀମାନେ କେବଳ କିଛି କାଗଜପତ୍ର କାମ କରି ଚୁପ ରହିଛନ୍ତି ।

ସୋରଡା ଏନ୍‌ଏସି ୮ ନଂ. ୱାର୍ଡର ଅଙ୍ଗନୱାଡି କେନ୍ଦ୍ରଟି ୯ ନଂ. ୱାର୍ଡ କେନ୍ଦ୍ରରେ ଚାଲିଛି। ୮ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ସୋରଡାସ୍ଥିତ ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରରେ ଏହା ଚାଲିଛି। ଗୋଟିଏ ଅଙ୍ଗନୱାଡି କେନ୍ଦ୍ରରେ ୨ଟି କେନ୍ଦ୍ରର ପିଲାଙ୍କୁ ବସାଇ ଯୋଜନା କାର୍ଯ୍ୟକାରୀ କରିବା ସମ୍ଭବ ହେଉନି। ଶିକ୍ଷାଦାନ ଛଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ପିଲାଙ୍କ ଅଭିଭାବକମାନେ ବସିବା ପାଇଁ ଜାଗା ଟିକେ ନାହିଁ। ପ୍ରାଥମିକ ବିଦ୍ୟାଳୟର ପରିଶ୍ରାଗାର ନିକଟରେ କେନ୍ଦ୍ରଟି ରହିଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କୁନି କୁନି ପିଲାମାନେ ପଢୁଛନ୍ତି। କେନ୍ଦ୍ର ନିକଟରେ ଏକ ଅସୁରକ୍ଷିତ ଶିକ୍ଷାବିଭାଗ କୋଠା ରହିଛି, ଯାହା ପିଲାଙ୍କ ପାଇଁ ବିପଦ। ଏ ନେଇ ଅଭିଯୋଗ ହେଲା ପରେ ୮ ନଂ ୱାର୍ଡ ଅଙ୍ଗନୱାଡି କେନ୍ଦ୍ରର ସମୟ ବଦଳାଇ ସକାଳ ୭ଟାରେ କେନ୍ଦ୍ର ଚାଲିବା ପାଇଁ କହିଲେ। ହେଲେ ଏତେ ସକାଳୁ ପିଲାଙ୍କୁ ଛାଡିବା ପାଇଁ ଅଭିଭାବକ ରାଜି ନ ହେବାରୁ କିଛି ଦିନ ପରେ ଆଉ ଥରେ ୯ ନଂ. ୱାର୍ଡର ଅଙ୍ଗନୱାଡି କେନ୍ଦ୍ରରେ ଚାଲିବା ପାଇଁ ନିର୍ଦ୍ଦେଶ ଦିଆଗଲା। ଅଭିଯୋଗ ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଯଥା ଶୀଘ୍ର କେନ୍ଦ୍ର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପ୍ରତିଶ୍ରୁତିରେ ହିଁ ରହିଲା। ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ଅଙ୍ଗନୱାଡି କେନ୍ଦ୍ର ଚାଲିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏଠାରେ ଶିକ୍ଷା ବିଭାଗ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗା ଦେବାକୁ ନାରାଜ। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କିଏ ପଦକ୍ଷେପ ନେବେ? ୩ ବର୍ଷ ତଳେ ଆସିଥିବା ଅନୁଦାନରେ ନିର୍ମାଣ ହୋଇପାରିବନି ଏବଂ ଆଉ ଅଧିକ ଅର୍ଥ କେଉଁଠୁ ଆସିବ ବୋଲି ଏବେ ଆଲୋଚନା କରୁଛନ୍ତି। ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କହିବା କଥା ହେଲା ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ପୁରୁଣା ଅସୁରକ୍ଷିତ କୋଠାକୁ ଭାଙ୍ଗି ସେଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଗଲେ ଆବଶ୍ୟକ ଜାଗା ମିଳିବ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି । ଶୀଘ୍ର ନିର୍ମାଣ ହେବା ପାଇଁ ପ୍ରକ୍ରିୟା ଚାଲିଛି ବୋଲି କହିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୨୮।୮(ରାକେଶ କୁମାର ରାଉତ)– ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ବୁଧବାର ଫୁଲବାଣୀ ପୋକସୋ ବିଚାରପତି ରାଜେଶ ଦାସ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୫ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସାରଙ୍ଗ ଥାନା ଅଞ୍ଚଳର ସିଦ୍ଧାନ୍ତ ଦଳ ବେହେରା।

୨୦୧୮ ଜାନୁୟାରୀ ୧୨ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଜଣକ ବିବାହାର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ପ୍ରଥମେ ନିଜ ଘର ବାରିପଟକୁ ସେଠାରୁ ଏକ ଅଟୋ ଦ୍ୱାରା ପ୍ରଥମେ ସାରଙ୍ଗ ଓ ପରେ ଏକ ଯାତ୍ରୀବାହି ବସ ମାଧ୍ୟମରେ ତୁମୁ ଥାନା ଅଞ୍ଚଳକୁ ନେଇ ତାଙ୍କର ଜଣେ ବନ୍ଧୁଙ୍କ ଘରେ ରଖିଥିଲେ। ସେଠାରେ ଘରେ ନାବାଳିକାଙ୍କ ସହ ବାରମ୍ବାର ଶାରିରୀକ ସଂପର୍କ ରଖିବା ସହିତ କାହାକୁ କିଛି ନକହିବା ପାଇଁ ଧମକ ଦେଇଥିଲେ। ନାବାଳିକା ଜଣକ ଘରେ ନଥିବା ଜାଣି ପରିବାର ଲୋକେ ବହୁ ଖୋଜାଖୋଜି ପରେ ନମିଳିବାରୁ ୧୩ ତାରିଖରେ ସାରଙ୍ଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୫/୧୮ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କୁ ତୁମୁଡ଼ିବନ୍ଧରୁ ଉଦ୍ଧାର କରାଯିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବିଚାରପତି ୧୧ ଜଣ ସାକ୍ଷୀଙ୍କ ବୟାନ ଓ ରିପୋର୍ଟକୁ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥି ସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାନସିକ ରୋଗୀ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର

ଗଞ୍ଜାମ,୨୮।୮(ବିଦ୍ୟାଧର ସାହୁ)– ଗଞ୍ଜାମ ବ୍ଲକ କାଇଁଚପୁର ଅଞ୍ଚଳରେ ବୁଲୁଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ପିଲା ଚୋର ଭାବି କିଛି ଲୋକ ସନ୍ଦେହ କରିଥିଲେ। ସେଠାର କିରଟ ରେଡ୍ଡୀ ନାମକ ଯୁବକ ଏନେଇ ଗଞ୍ଜାମ ଇକୋ ୱାରିଅରକୁ ଅବଗତ କରାଇଥିଲେ। ପରେ ଇକୋ ୱାରିଅର ସଦସ୍ୟ ସମରେଶ ପ୍ରଧାନ, ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହୀ, ଯୁବ ସ୍ୱେଚ୍ଛାସେବୀ ସଞ୍ଜୟ ସ୍ୱାଇଁ, ପ୍ରଭାତ ସାହୁ ଏବଂ ପ୍ରଭାତ ବିଶ୍ୱାଳ ପ୍ରମୁଖ କାଇଁଚପୁର ଯାଇ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ପରେ ସେ ଜଣେ ମାନସିକ ରୋଗୀ ବୋଲି ଜଣାପଡ଼ିଥିଲା। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଉକ୍ତ ବ୍ୟକ୍ତି ଜଣକ ଟିକିଟି ବ୍ଲକ ଆମ୍ବଗାଁର ମନ୍ମଥ ବେଜ ବୋଲି ଜଣାପଡ଼ିଥିଲା। ଇକୋ ୱାରିଅର ସଦସ୍ୟମାନେ ଉକ୍ତ ଅଜଣା ବ୍ୟକ୍ତିଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ତାଙ୍କୁ ହସ୍ତାନ୍ତର କରିଥିଲେ । ଉଦ୍ଧାର ବ୍ୟକ୍ତି ଜଣକ ଦଶ ଟଙ୍କାରେ ଗାଁ ଗାଁ ବୁଲି ଲୋକଙ୍କ ଚୁଟି କାଟିବା ସହ ଖିଅର କରାଉଥିବା ଭଲ ଗୁଣ ଥିବା ଗ୍ରାମବାସୀଙ୍କଠାରୁ ଜଣାପଡ଼ିଥିଲା।

# ଗ୍ରାମ ରାସ୍ତାରେ ବାଲି ଚାଲାଣ ବିରୋଧରେ ଦାବିପତ୍ର

ଧରାକୋଟ,୨୮।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

ଋଷିକୂଲ୍ୟା ନଦୀର ଜାହାଡ଼ା ବାଲିଘାଟରୁ ଲିଜଧାରୀ ବ୍ୟକ୍ତି ଜଣକ କହିରାପଲି ଗାଁର ଅଙ୍କୁଲ ଦଣ୍ଡାରେ ହାଇୱା, ଟିପ୍ପର ଓ ଟ୍ରାକ୍ଟର ଦ୍ୱାରା ଦିନ ରାତି ବେଧଡ଼କ ବାଲି ଚାଲାଣ କରୁଛନ୍ତି। ଏହି ବାଲି ଚାଲାଣ ଦ୍ୱାରା ଧରାକୋଟ ପଞ୍ଚାୟତ ସମିତି ଦ୍ୱାରା ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିର୍ମିତ ଏହି ରାସ୍ତା ଗମନାଗମନ ଉପଯୋଗୀ ହୋଇପାରୁନାହିଁ। ଜାତୀୟ ରାଜପଥ ୫୯ଠାରୁ ଋଷିକୁଲ୍ୟା ନଦୀପଠା ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ଲମ୍ବିଥିବା ଆଙ୍କୁଲ ଦଣ୍ଡାର ଓସାର ଦଶ ଫୁଟ। କହିରାପଲି ଗାଁ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଗ୍ରାମକୁ ବସୁଧା ଯୋଜନାରେ ଆସୁଥିବା ପାଇପ ଲାଇନ ଏହି ରାସ୍ତା କଡ଼ରେ ବିଛା ଯାଇଛି। ଏହି ରାସ୍ତାରେ ବାଲି ନେଇ ଭାରିଯାନ ପ୍ରତିଦିନ ଚଳାଚଳ କରୁଥିବାରୁ ପାଇପ ଲାଇନ ବାରମ୍ବାର ଫାଟୁଛି। ଏଣୁ ଦିନ ଦିନ ଧରି ପିଇବା ପାଣି ଯୋଗାଣ ବନ୍ଦ ରହୁଛି। ଭାରିଯାନ ଯାତାୟାତ ଯୋଗୁ ରାସ୍ତା ସାରା ଖାଲଖାମା ହୋଇ ରହିଛି। ଫଳରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବା ବେଳେ ଟିପ୍ପର, ହାଇୱା ଯିବା ଆସିବା ବେଳେ ସାଧାରଣ ଲୋକ କିମ୍ବା ଗୃହ ପାଳିତ ପଶୁ ଯିବା ସମ୍ଭବ ହେଉନାହିଁ। ଏ ନେଇ ବାରମ୍ବାର କହିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ କହିରାପଲି ଗ୍ରାମର ପ୍ରାୟ ଦୁଇ ଶହରୁ ଅଧିକ ବ୍ୟକ୍ତି ଏକତ୍ରିତ ହୋଇ ବୁଧବାର ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତାରେ ବାଲି ଗାଡି ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି। ଏଥିସହ ଗ୍ରାମବାସୀ ଧରାକୋଟ ଥାନାରେ ପହଞ୍ଚି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପଚାରିବାରୁ ଉକ୍ତ ସମସ୍ୟାର ସମାଧାନ ଲାଗି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଗୁରୁବାର ଗ୍ରାମବାସୀ ଗଞ୍ଜାମ ଜିଲାପାଳ ଓ ଖଣି ବିଭାଗ ଅଧିକାରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ପାଇଁ ଗ୍ରାମ୍ୟ ବୈଠକରେ ନିଷ୍ପତ୍ତି ନେଇଛନ୍ତି।

## ଭୁଶୁଡ଼ିଲା କୋକଳବା ଶିଶୁ ଉଦ୍ୟାନ ପାଚେରି

ଜଗନ୍ନାଥପ୍ରସାଦ,୨୮।୮(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ କୋକଳବା ପଞ୍ଚାୟତ କୋକଳବା ଗ୍ରାମରେ ସାମାନ୍ୟ ବର୍ଷାରେ ଶିଶୁଉଦ୍ୟାନର ପାଚେରୀ ଭୁଷୁଡ଼ି ପଡ଼ିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୨ କୋକଳବା ଠାରେ ୨୦ ଲକ୍ଷ ବ୍ୟୟରେ ଜ୍ଞାନ ପଟ୍ଟନାୟକ ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା। ନିର୍ମାଣର ଦୁଇବର୍ଷ ମଧ୍ୟରେ ପାଚେରି ଭୁଷୁଡ଼ି ପଡିଯିବା ସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ନିକଟରେ ତିନୋଟି ସୂଚନା ଫଳକ ଠିଆ ହୋଇଥିବା ବେଳେ ଶିଶୁ ଉଦ୍ୟାନ ପାଚେରୀ ଭୁଶୁଡ଼ି ପଡ଼ିଛି। ନିମ୍ନମାନର କାମ ହୋଇଥିବାରୁ ପାଚେରୀ ଭୁଷୁଡ଼ି ଯିବା ସହ ସିମେଣ୍ଟ ଖଣ୍ଡ ଗୁଡିକ ହାତରେ ଧରିଲେ ଭାଙ୍ଗି ଯାଉଥିବା କାରଣରୁ ଆଉ ବଳକା ଠିଆ ହୋଇଥିବା ପାଚେରୀକୁ ନେଇ ମଧ୍ୟ ଭୟ ସୃଷ୍ଟି ହୋଇଛି। ଏହାର ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ଭଞ୍ଜନଗର ଉପଜିଲାପାଳ ଅନୀଲ କୁମାର ସେଠୀଙ୍କୁ ପଚାରି ବୁଝିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି।

# ସାପ କାମୁଡ଼ାରେ ଯୁବକ ମୃତ

ଦିଗପହଣ୍ଡି/ପାଟପୁର,୨୮।୮
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ମହିବିଲ ଗ୍ରାମର ଜଣେ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ପ୍ରଦୀପ କୁମାର ଶବର। ପ୍ରଦୀପ ବୁଧବାର ସକାଳେ ଘରେ ଶୋଇଥିବା ବେଳେ ତାଙ୍କ ମୁଣ୍ଡକୁ ସାପ କାମୁଡ଼ି ଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ପାଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ଥାନା ଅପମୃତ୍ୟୁ ମାମଲା ନଂ.୧୭/୨୪ ଅନୁଯାୟୀ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ



ପାରଳାଖେମୁଣ୍ଡି,୨୮।୮(ଗିରିଧାରୀ ପରିଛା):

ପାରଳାଖେମୁଣ୍ଡିଠାରେ ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ଖବଦରଦାତା ଓ ପୌର ପ୍ରଶାସନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ସ୍ଥାନୀୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୩୧ ତାରିଖରେ ପାଳନ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ବେଳେ ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ହୋଇଥିଲା। ପୌର ପରିଷଦ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୪ଟି ଉଇକେଟ ହରାଇ ମୋଟ ୧୪୫ ରନ ସଂଗ୍ରହ କରିଥିଲା। ଖବରଦାତା ଟିମ୍ ଏହି ରନ୍‌ର ପିଛା କରି ମାତ୍ର ୧୧୭ ରନ କରି ପାରିଥିଲା। ପୌର ପରିଷଦ ପକ୍ଷରୁ କର୍ମଚାରୀ, କାଉନସିଲରମାନେ ଖେଳିଥିଲେ । ପୌରାଧକ୍ଷା ନିର୍ମଳା ସେଠୀଙ୍କ ସମେତ ପୌରଯନ୍ତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ପ୍ରାଣୀ ସମ୍ପଦ ଗଣନାକାରୀଙ୍କୁ ପ୍ରଶିକ୍ଷଣ

ପାରଳାଖେମୁଣ୍ଡି,୨୮।୮(ଗିରିଧାରୀ ପରିଛା):



ପାରଳାଖେମୁଣ୍ଡିସ୍ଥିତ ଆମ୍ବ ନିଯୁକ୍ତି ତାଲିମ କେନ୍ଦ୍ରଠାରେ ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ଗଣନା କରିବାକୁ ଥିବା ଜିଲାର ସମସ୍ତ ଗଣନାକାରୀ ଓ ତଦାରଖକାରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ତୁଷାର ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଡା. ଗିରିଶ କୁମାର ମହାନ୍ତି, ପ୍ରାଧାପକ ସ୍କୁଲ ଅଫ ଭେଟେନେରୀ ଓ ଆନିମଲ ସାଇନ୍ସ (ସିୟୁଟିଏମ) ପ୍ରମୁଖ ମଞ୍ଚାସୀନ ଥିଲେ। ଗଣନାକାରୀ ଓ ତଦାରଖକାରୀ କିପରି ଠିକ ଓ ନିର୍ଭୁଲ ଭାବରେ ପଶୁପକ୍ଷୀ ଗଣନା କରିବେ ସେ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଡାକ୍ତର ରମାକାନ୍ତ ରାଣା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ନୋଡାଲ ଅଧିକାରୀ ଓ ଜିଲାର ସମସ୍ତ ଗଣନାକାରୀ ଓ ତଦାରଖକାରୀଙ୍କୁ ମୋବାଇଲ ଆପ ଓ ବୋର୍ଡ ମାଧ୍ୟମରେ ଠିକ ପ୍ରାଣୀ ଗଣନା ତଥ୍ୟ ସଂଗ୍ରହ କରିବା ତଥା ଜିଲାସ୍ତରକୁ ପଠାଇବା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ରାୟଗଡ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡାକ୍ତର ଲିମା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଡିଭିଓ ନାରାୟଣ ମହାପାତ୍ର, ଡାକ୍ତର ଶ୍ରୀକାନ୍ତ ଖଟୁଆ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭଙ୍କର ସେଠୀ ଓ ପ୍ରାଣୀ ଚିକିତ୍ସା ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମା’ ରାମଚଣ୍ଡୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ପ୍ରସ୍ତୁତି ବୈଠକ

ଛତ୍ରପୁର,୨୮।୮(ସନ୍ତୋଷ ପାଢ଼ୀ ):

ଛତ୍ରପୁର ନିକଟବର୍ତ୍ତୀ ନିଳାଦ୍ରୀପୁର ପର୍ବତ ଶିଖରରେ ଥିବା ମା’ ରାମଚଣ୍ଡୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ପୂଜାକୁ ଆହୁରି ଆଡମ୍ବରପୂର୍ଣ୍ଣ କରାଯିବାକୁ ବିଶେଷ ଧ୍ୟାନ ଦିଆଯିବା ନେଇ ଚର୍ଚ୍ଚା ହେଇଥିଲା । ପ୍ରଥମେ ପୂଜା କମିଟିର ଉପଦେଷ୍ଟା ତଥା ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଓ ତ୍ରିପତି ବାଲାଜୀ ମିଶ୍ରଙ୍କ ଡାକରାରେ ଆଇଆରଇରେ କାର୍ଯ୍ୟରତ ଟୁଟୁ ନାୟକ, ମାଧବ ସାସମଲ, ଛତ୍ରପୁର କୋର୍ଟରେ କାର୍ଯ୍ୟରତ ଲକ୍ଷ୍ମୀଧର ପ୍ରଧାନ, ଓକିଲ ଲସିତ ବେହେରା, ମୁନା ଗୌଡ଼, ସମାଜିକ କର୍ମୀ ମନୋଜ ମିଶ୍ର, ଦିନେଶ ମହାନ୍ତି, ଯୋଗେଶ ସେଠୀ, ଦୀପକ ବେହେରା, ମନ୍ଦିର ମ୍ୟାନେଜର ସନ୍ତୋଷ ପଣ୍ଡା, ଉପେନ୍ଦ୍ର ବେହେରା ଓ ନିଳାଦ୍ରୀପୁର ଗ୍ରାମବାସୀ ପ୍ରମୁଖ ଯୋଗ ଦେଇ ଏହି ଶକ୍ତିପୀଠରେ ସଫେଇ କରିଥିଲେ। ଏହାପରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପରିଚାଳନା କମିଟି ସମ୍ପାଦକ ରବୀନ୍ଦ୍ର ପଣ୍ଡା, ପୂଜା କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ, କାର୍ଯ୍ୟକାରି ସଭାପତି ଦିବାକର ନାୟକ, ଶଙ୍କର ନାୟକ, ସୁଧୀର ମହାରଣା ଓ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ପୂଜା ପାଇଁ ଆଲୋଚନା ହୋଇଥିବା ମନ୍ଦିର କମିଟି ସଂଯୋଜକ କମଳ ପଣ୍ଡା ସୂଚନା ଦେଇଛନ୍ତି।

# ଦୀର୍ଘ ମାସ ହେଲା ଇଏନଟି ବିଭାଗରେ ତାଲା

ଫୁଲବାଣୀ, ୨୮।୮(ରାକେଶ କୁମାର ରାଉତ)

## ଫାଙ୍କା ପଡିଛି ବହୁ ବିଶେଷଜ୍ଞ ପଦବୀ




ଫୁଲବାଣୀରେମେଡିକାଲ କଲେଜ କାର୍ଯ୍ୟ ଆଗେଇ ଚାଲିଛି । ଆଉ କିଛି ଦିନ ପରେ ଏହାର ନିର୍ମାଣ କାର୍ଯ୍ୟ ସରିବ। ଆସନ୍ତା ବର୍ଷରେ ଏଠାରେ ମେଡିକାଲ ଛାତ୍ରୀଛାତ୍ର ପାଠ ପଢ଼ିବେ । ଏହାକୁ ନେଇ ଜିଲାବାସୀ ବେସ୍ ଆଶାବାଦୀ ଅଛନ୍ତି । କାରଣ ବହୁତ ଭଲ ଭଲ ବିଶେଷଜ୍ଞ ଡାକ୍ତର ଏଡାକୁ ଆସିବେ । କନ୍ଧମାଳ ଜିଲାରେ ଆଉ ରୋଗୀଙ୍କୁ ବାହାରକୁ ଯିବାକୁ ପଡିବ ନାହିଁ । କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଜକୁ ଦୀର୍ଘ ମାସ ହେଲା ଇଏନଟି ବିଭାଗରେ ଜଣେ ହେଲେ ବି ଡାକ୍ତର ନାହାନ୍ତି । ଖାଲି ଜିଲା ମୁଖ୍ଯ ଚିକିତ୍ସାଳୟ ନୁହଁ, ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ସମେତ କୌଣସି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ବିଭାଗରେ କେହି ଡାକ୍ତର ନାହାନ୍ତି। ଏହାକୁ ନେଇ ଏବେ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ବିଭାଗର ରୋଗୀ ଚିକିତ୍ସା ସେବା ପାଇ ନ ପାରି ବହୁ ହଇରାଣ ହେଉଛନ୍ତି। ଅର୍ଥ ଅଭାବରୁ ସେମାନେ ବ୍ରହ୍ମପୁର କି କଟକ ବଡ ମେଡିକାଲ ଚିକିତ୍ସା ପାଇଁ ଯାଇ ପାରୁନାହାନ୍ତି।

ଜିଲା ମୁଖ୍ୟ ଚକିତ୍ସାଳୟରେ ବିଭାଗ ଥାଇ ମଧ୍ୟ ଏବେ ନ ଥିବା ପରି । ଜିଲାର ପ୍ରାୟ ୮ ଲକ୍ଷ ଲୋକଙ୍କ ଏକମାତ୍ର ସାହା ଭରସା ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ। ଡାକ୍ତର ନ ଥିବାରୁ ଇଏନ୍‌ଟି ବିଭାଗକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ବିଭାଗ କାନ୍ଥରେ ଲିଖିତ ସୂଚନା ଜାରୀ କରିଛନ୍ତି । ଖବର ନେବାରେ ଜଣାପଡିଛି, ଏହି ବିଭାଗରେ ଥିବା ଏକମାତ୍ର ବିଶେଷଜ୍ଞ ଦୀର୍ଘ ଛ’ ମାସ ହେଲା ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଅଛନ୍ତି। ବାରମ୍ବାର ଚିଠି ସତ୍ତ୍ୱେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ବିଜୟ କୁମାର ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ବିଗତ ସରକାରଙ୍କ ସମୟରେ ଏହାକୁ ସ୍ମାର୍ଟ ମେଡିକାଲରେ ପରିଣତ କରାଯାଇଛି। ତେବେ ଡାକ୍ତର ଅଭାବ ସମସ୍ୟାର ସମାଧାନ ହେଉନାହିଁ। ଡାକ୍ତରଖାନାରେ ବିଭିନ୍ନ ବିଭାଗରେ ୩୦ଟି ବିଶେଷଜ୍ଞ ପଦବୀ ରହିଛି। ସେଥିରୁ ଏବେ ୧୬ ଜଣ ଥିବା ବେଳେ ୧୪ଟି ପଦବୀ ଖାଲି ପଡିଛି। ସରକାର ଏହି ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଏଠାରୁ ଡାକ୍ତରମାନଙ୍କୁ ଅନ୍ୟତ୍ର କାମରେ ଲଗାଇଛନ୍ତି। ସୂଚନା ଅନୁସାରେ, ଏଠାରେ କେତେଜଣ ଡାକ୍ତରମାନେ ଦରମା ପାଉଥିଲେ ମଧ୍ୟ କଟକ ଓ ବ୍ରହ୍ମପୁର ମେଡିକାଲରେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ବ୍ୟତୀତ ଅନେକ ଡାକ୍ତର ବଦଳି ହେଲେ ମଧ୍ୟ ଏଠାକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଜିଲାର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାର ଅବସ୍ଥା ଆହୁରି ଶୋଚନୀୟ। ଏଠାରେ ୫୩ ଜଣ ମଞ୍ଜୁର ପ୍ରାପ୍ତ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ମାତ୍ର ୧୦ ଜଣ। ୧୨ଟି ବିଶେଷଜ୍ଞ ପଦବୀ ଥିବା ବେଳେ ବର୍ତ୍ତମାନ କେବଳ ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଛାଡି ଦେଲେ ଆଉ ସମସ୍ତ ପଦବୀ ଖାଲି ପଡ଼ିଛି। ୧୪ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୪ଟି ହିସାବରେ ୫୬ ବିଶେଷଜ୍ଞ ପଦବି ରହିଛି। ଏଥିରୁ ୫୪ ପଦବୀ ଖାଲି ଅଛି। ଦେଖିବାକୁ ଗଲେ ଜିଲାର ୯୮ଟି ବିଶେଷଜ୍ଞ ପଦବୀ ମଧ୍ୟରୁ ଏବେ ୭୮ ପଦବୀ ଶୂନ୍ୟ ପଡିଛି।

**ସଂକ୍ଷେପରେ**

## ଯୁବକଙ୍କ ମୋବାଇଲ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳଷ୍ଟେସନ ୪ନଂ. ପ୍ଲାଟଫର୍ମ ନିକଟ ଷ୍ଟେସନ ରୋଡ଼ ନିକଟରୁ ଜଣେ ଯୁବକ ବଳରାମ ଗୌଡ଼ଙ୍କ ମୋବାଇଲ ଲୁଟ ହୋଇଛି। ସେ ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ,୨୬ ତାରିଖରେ ରାତିରେ ଖଜୁରିଆ ରୋଡ଼ ସ୍ଥିତ ତ୍ରିନାଥ ମନ୍ଦିର ସାହି ନିବାସୀ ବଳରାମ ଗୌଡ଼(୨୪) ରେଳୱେ ଷ୍ଟେସନର ୪ନଂ ପ୍ଲାଟଫର୍ମ ନିକଟରେ ଥିବା ଏକ ହୋଟେଲକୁ ଖାଇବା ନେବାକୁ ଆସିଥିଲେ । ଖାଇବା ନେଇ ଘରକୁ ଫେରିବା ବେଳେ ସ୍ଥାନୀୟ ବ୍ରିଜ ନିକଟରେ ଥିବା ଠାକୁରାଣୀ ମନ୍ଦିର ନିକଟରେ ଦୁଇ ଜଣ ଯୁବକ ଗୋଟିଏ ପଲସର ବାଇକରେ ଆସି ବଳରାମଙ୍କୁ ଅଟକାଇଥିଲେ। ସେ ହାତରେ ଧରିଥିବା ମୋବାଇଲକୁ ଝାମ୍ପି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଅଭିଯୁକ୍ତଙ୍କୁ ଧରିବା ପାଇଁ ବଳରାମ ବହୁତ ଚେଷ୍ଟା କରିଥିଲେ କିନ୍ତୁ ଧରିପାରି ନଥିଲେ ।

# ଫୁଟବଲ, ଦୌଡ଼କୁଦ ପାଇଁ ପଡିଆ ଅଭାବ

ବ୍ରହ୍ମପୁର,୨୮।୮(ସ୍ୱାଧୀନ ଶେଖର ପାଢ଼ୀ)

**ମହାତ୍ମାଗାନ୍ଧୀ ଷ୍ଟାଡିୟମ**




ମହାତ୍ମାଗାନ୍ଧୀ ଷ୍ଟାଡିୟମ।

କ୍ରୀଡ଼ା ତଥା କ୍ରୀଡ଼ାବିତଙ୍କ ବିକାଶ ନିମନ୍ତେ ପ୍ରତିବର୍ଷ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ୨୦୧୨ରୁ ଏହି ଦିବସ ପାଳିତ ହୋଇ ଆସୁଛି। କ୍ରୀଡ଼ା ଉନ୍ନତି ପାଇଁ ସରକାର ବହୁ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ହେଲେ ବ୍ରହ୍ମପୁର ଷ୍ଟାଡିୟମର ଭିତ୍ତିଭୂମି କେବଳ ଇନଡୋର ଗେମରେ ସୀମିତ ରହିଛି। ସହରରେ ଆଉଟଡୋର ଗେମ ଅର୍ଥାତ ଦୌଡ଼କୁଦ, ଫୁଟବଲ, କ୍ରିକେଟ, ହକି ଆଦି ପାଇଁ ସେଭଳି ଉପଯୁକ୍ତ ଷ୍ଟାଡିୟମ ନାହିଁ। ଏ କ୍ଷେତ୍ରରେ ଦକ୍ଷତା ଥିଲେ ବି ଅଭ୍ୟାସ ପାଇଁ ସେଭଳି ଭିତ୍ତିଭୂମି ମିଳୁନଥିବାରୁ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରୁ ନଥିବା କିଛି ବରିଷ୍ଠ କ୍ରୀଡାବିତଙ୍କଠାରୁ ସୂଚନା ମିଳିଛି।

ବ୍ରହ୍ମପୁର ଷ୍ଟାଡିୟମ ଉପରେ କ୍ରୀଡାବିତଙ୍କ ଭରସା ଥିଲା। କିନ୍ତୁ ଏହାର ପୁନରୁଦ୍ଧାର ପାଇଁ କିଛି ବର୍ଷ ଷ୍ଟାଡିୟମକୁ ବନ୍ଦ କରି ଦିଆଗଲା। ଗତ ବର୍ଷ ଏହାକୁ ନୂଆ ରୂପ ଦିଆଯାଇ ମହାତ୍ମାଗାନ୍ଧୀ ଷ୍ଟାଡିୟମ ନାମକରଣ କରାଯାଇ ଉଦଘାଟନ କରାଯାଇଥିଲା। ଏଠାରେ ଏବେ ବାସ୍କେଟବଲ, ସୁଇମିଙ୍ଗ, ଟେନିସ, କ୍ରିକେଟ, ଭାରୋତ୍ତୋଳନ ଭଳି ଖେଳ ଅଭ୍ୟାସ ହେଉଛି । ଏହି ପଡିଆରେ ୧୯୯୮ରେ ରଞ୍ଜି ଟ୍ରଫି ପାଇଁ ତ୍ରିପୁରା-ଓଡ଼ିଶା, ବେଙ୍ଗଲ-ଓଡ଼ିଶା, ପଞ୍ଜାବ-ଓଡ଼ିଶା ମଧ୍ୟରେ ଶେଷ ମ୍ୟାଚ ହୋଇଥିଲା। ବର୍ତ୍ତମାନ କ୍ରିକେଟ ପାଇଁ ୫୦ ଖେଳାଳି ଅଭ୍ୟାସ କରୁଛନ୍ତି। କିନ୍ତୁ ପ୍ରଶିକ୍ଷକ ଓ ଭିତ୍ତିଭୂମି ଅଭାବରୁ ରଞ୍ଜିଟ୍ରଫି, ଫୁଟବଲ ଭଳି ରାଜ୍ୟସ୍ତରୀୟ କିମ୍ବା ଜାତୀୟସ୍ତରର ଖେଳ ଆଉ ହୋଇ ପାରୁ ନାହିଁ। ଦୌଡ଼ କୁଦ ପାଇଁ ସେଭଳି ବ୍ୟବସ୍ଥା ନାହିଁ। ଫଳରେ ଏ କ୍ଷେତ୍ରରେ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରୁ ନଥିବା ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି। ବିଏମସି କର୍ତ୍ତୃପକ୍ଷ ମଧ୍ୟ କ୍ରୀଡ଼ା ବିକାଶ ନାଁରେ ସହରରେ ଗୋଟିଏ ପରେ ଗୋଟିଏ ଇନଡୋର ହଲ ପ୍ରସ୍ତୁତ କରି ଚାଲିଛନ୍ତି। ବାସ୍କେଟବଲ, କବାଡ଼ି, ଟେନିସ ଓ ବ୍ୟାଡମିଣ୍ଟନ ଭଳି ଇନଡୋର କ୍ରୀଡ଼ା ଅଭ୍ୟାସ ପାଇଁ ଏହା ପ୍ରଯୁଜ୍ୟ ଥିବାବେଳେ ଗେଟବଜାର ସ୍ପୋର୍ଟସ ଏରେନା ବ୍ୟାୟାମ, ଯୋଗକୁ ସୁହାଇବା ଭଳି ନିର୍ମିତ ହୋଇଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ପୂର୍ବରୁ ଇନଡୋର ଷ୍ଟାଡ଼ିୟମ ଥିବା ବେଳେ ବର୍ତ୍ତମାନ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ(ୟୁସିପି)କଲେଜ ଠାରେ ରହିଛି । କିନ୍ତୁ ଦୌଡ଼କୁଦ ଓ ଅନ୍ୟ ଖେଳ ପାଇଁ ସେଭଳି ଆଖିଦୃଶିଆ ପଡିଆ ନାହିଁ। ଏଭଳି ସ୍ଥିତିରେ ସହରରେ ସ୍କୁଲ, କଲେଜ ଓ ଯୁବ କ୍ରୀଡ଼ାବିତ ଯେଉଁମାନେ ଦୌଡ଼କୁଦ କ୍ଷେତ୍ରରେ ରୁଚି ରଖୁଛନ୍ତି ସେମାନଙ୍କ ନିକଟରେ ଦକ୍ଷତା ଥାଇ ବି ଭିତ୍ତିଭୂମି ଓ କ୍ରୀଡ଼ା ଉପକରଣ ଅଭାବରୁ ପଛେଇ ଯାଇଛନ୍ତି। କିଛି ଦିନ ତଳେ ବ୍ରହ୍ମପୁର ଗସ୍ତରେ ଆସିଥିବା କ୍ରୀଡା ମନ୍ତ୍ରୀ ସହରର କ୍ରୀଡା ଭିତ୍ତିଭୂମିର ଯାଞ୍ଚ ସହ ଖେଳାଳିଙ୍କ ଅସୁବିଧା କଥା ବୁଝିଥିଲେ। ଶୀତଳାପଲି ଠାରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ସହ ମହାତ୍ମାଗାନ୍ଧୀ ଷ୍ଟାଡିୟମ ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ଜିଲା ଅଧିକାରୀଙ୍କୁ ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲ୍

ବ୍ରହ୍ମପୁର,୨୮।୮(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍-୧ ଡ. ଇନ୍ଦୁ ଶର୍ମା ବୁଧବାର ଏକ ଗଞ୍ଜେଇ ଚାଲାଣ ମାମଲାର ଅଭିଯୁକ୍ତ ଗଞ୍ଜାମ ଜିଲା ପାଟପୁର ଥାନା ସୀତାପଲି ଗ୍ରାମର ଶିବରାମ ଜାନୀ (୨୨)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୩ ଏପ୍ରିଲ ୧୩ ତାରିଖ ଅପରାହ୍ନରେ ଦିଗପହଣ୍ଡି ପଟୁ ବ୍ରହ୍ମପୁରକୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ବିଭାଗର ସବ୍ ଇନ୍ସପେକ୍ଟର ଅଜିତ କୁମାର ନାୟକ ଓ ତାଙ୍କ ଟିମ ଫାଷ୍ଟଗେଟ ଧୋବାବନ୍ଧ ଛକରେ ଯାନବାହନ ଯାଞ୍ଚ କରିଥିଲେ । ସନ୍ଦେହରେ କାର୍ (ନଂ.ଓଆର ୦୨ ଏୟୁ - ୬୮୧୧)କୁ ଅଟକାଇ ଯାଞ୍ଚ ବେଳେ ସେଥିରୁ ୩ଟି ଜରି ବସ୍ତାରେ ଥିବା ୧୫୦ କେଜି ଗଞ୍ଜେଇ ମିଳିଥିଲା। ବିଭାଗୀୟ ଅଧିକାରୀମାନେ କାର୍ ଚାଳକ ଶିବରାମଙ୍କୁ ଧରି କାର ଓ ଗଞ୍ଜେଇ ଜବତ କରିଥିଲେ। ନଂ. ୭୨ /୨୩-୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶିବରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଥିଲା। ତଦନ୍ତ ଅଧିକାରୀ ନାୟକ କୋର୍ଟରେ ଚାଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

## କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରୁଛି ଟିପିଏସ୍ଓଡିଏଲ୍



କ୍ରୀଡାରେ ସଫଳତା ହାସଲ କରିଥିବା କର୍ମଚାରୀ।

ବ୍ରହ୍ମପୁର,୨୮।୮(ସ୍ମୃତି ରଞ୍ଜନ ମହାଳିକ)

କର୍ମଚାରୀଙ୍କ ଉତ୍ତମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇ ଟିପିଏସଓଡିଏଲ ଦକ୍ଷିଣ ଓଡିଶାରେ ଏହାର ପରିସରଭୁକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଆୟୋଜନ କରିଛି। ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଚେସ, କ୍ୟାରମ ଓ କ୍ରିକେଟ ଭଳି ପ୍ରତିଯୋଗିତା କରାଯାଇଛି। 'ବିଫିଟ ଆଣ୍ଡ ରେଜ ଦ ବାର' ପଦକ୍ଷେପ ମାଧ୍ୟମରେ ଟିପିଏସଓଡିଏଲ ମାନସିକ ଚାପ କମାଇବା, ବିଶ୍ରାମ ବଢାଇବା ଓ କର୍ମଚାରୀଙ୍କ ମଧ୍ୟରେ ସୁସ୍ଥ ଜୀବନ ଶୈଳୀର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି। କମ୍ପାନୀ ପକ୍ଷରୁ ଗତ ୨୪ରୁ ୨୬ ତାରିଖ ଯାଏଁ ସ୍ପୋର୍ଟସ ଏରେନାଠାରେ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ରାଜ୍ୟସ୍ତରରେ ସଫଳତା ହାସଲ କରିଥିବା କର୍ମଚାରୀଙ୍କ ମଧ୍ୟରେ ସୀମାଦ୍ରି ମଣିକାନ୍ତ ଓ ସନ୍ତୋଷୀ ଗୌଡ ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏ ନେଇ ଟିପିଏସଓଡିଏଲ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, କ୍ରୀଡା ଦିବସ କେବଳ କ୍ରୀଡା ପ୍ରତିଭାଙ୍କୁ ଉତ୍ସାହିତ କରିବାରେ ସୀମିତ ନୁହେଁ, ବରଂ ଏହା କ୍ରୀଡା ମୂଲ୍ୟବୋଧର ଏକ ପ୍ରତିଫଳନ। କ୍ରୀଡା ଶୃଙ୍ଖଳା, ଅଧ୍ୟବସାୟ, ଦଳଗତ ପ୍ରୟାସ ଓ ଲକ୍ଷ୍ୟ ସ୍ଥିର କରିବା ଶିଖାଏ ବୋଲି ସେ କହିଛନ୍ତି।

## ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ



ଶୋକସଭାରେ ଉପସ୍ଥିତ ଆଇନଜୀବୀ।

ବ୍ରହ୍ମପୁର,୨୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ଦେବାଶିଷ ଷଡଙ୍ଗୀ (୬୧)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସେ ଗଞ୍ଜାମ ଓକିଲ ସଂଘର ଜଣେ ସଦସ୍ୟ ଥିଲେ। ଆଙ୍କୁଲି ବାସଭବନରେ ସେ ମଙ୍ଗଳବାର ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଗଞ୍ଜାମ ଓକିଲ ସଂଘ ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଛି। ମୃତ ଆଇନଜୀବୀଙ୍କ ପରିବାର ବର୍ଗଙ୍କୁ ସଂଘ ପକ୍ଷରୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସଭାପତି କହିଛନ୍ତି। ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଉପ ସଭାପତି ରାମ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ଶିଶିର ପାଢ଼ୀ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପୀତବାସ ପଣ୍ଡା, ଅକ୍ଷୟ ପଟ୍ଟନାୟକ, ସଞ୍ଜୟ ମିଶ୍ର, ବରୁଣ ଗୌଡ଼, ଅଶୋକ ଶୁକ୍ଳ, କମଳ ପଣ୍ଡା, ତୁଷାର ପଟ୍ଟନାୟକ, ପ୍ରସାଦ ରାଓ, ପ୍ରସାଦ ଦୋରା, ମାନଭଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨ ଘଣ୍ଟା ପାଇଁ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

## ୨୬ ଲକ୍ଷ ଠକେଇ: ଅଭିଯୁକ୍ତ ବ୍ୟାଙ୍କ କର୍ମଚାରୀଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୨୮।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜଣେ ଅବସରପ୍ରାପ୍ତ ବାୟୁ ସେନା କର୍ମଚାରୀଙ୍କ ଠାରୁ ୨୬ ଲକ୍ଷ ଠକେଇ ଘଟଣାରେ କଟକ କ୍ରାଇମବ୍ରାଞ୍ଚ ଗତ ୫ ତାରିଖ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଖୋର୍ଦ୍ଧା ଜିଲା ମଞ୍ଚେଶ୍ୱର ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ନାୟକ(୩୦) ଓ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଚକାପାଦର ଦିବ୍ୟଜ୍ୟୋତି ରଥ(୪୮)ଙ୍କୁ ମଙ୍ଗଳବାର ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ହାଜର କରି ଜେଲ ପଠାଇଥିଲା। ଗତ ୯ତାରିଖ ଅନ୍ୟଜଣେ ଅଭିଯୁକ୍ତ ଆଶିଷ କୁମାର ଦଳସିଂରାୟଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ପ୍ରଶାନ୍ତ ଭୁବନେଶ୍ୱର ଇନ୍ଦୁସ ଇଣ୍ଡ ବ୍ୟାଙ୍କର ଜଣେ କର୍ମଚାରୀ। ଟଙ୍କା ଠକେଇ ପରେ ଉକ୍ତ ବ୍ୟାଙ୍କକୁ ପ୍ରଶାନ୍ତଙ୍କ ସହାୟତାରେ ଟ୍ରାନ୍ସଫର ହୋଇଥିଲା। ଏଣୁ ତାଙ୍କୁ ଗିରଫ କରାଯାଇଥିଲା। ଭିଜିଲାନ୍ସ କୋର୍ଟରେ ହୋଇଥିବା ତାଙ୍କର ଜାମିନ ଆବେଦନର ଶୁଣାଣି ବେଳେ ସରକାରୀ ଓକିଲ ରଜତ କୁମାର ଦାଶ ବିରୋଧ କରିଥିଲେ। ଫଳରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଜାମିନ ଖାରଜ କରିଦେଇଛନ୍ତି। ବ୍ରହ୍ମପୁର ସହରର ଅଳକାପୁରୀରେ ରହୁଥିବା ଅବସରପ୍ରାପ୍ତ ବାୟୁ ସେନା କର୍ମଚାରୀ ସନ୍ତୋଷ କୁମାର ବିଶ୍ୱାଳଙ୍କ ନିକଟକୁ କିଛି ଦିନ ତଳେ ଫୋନ କରି ଜଣେ ଯୁବତୀ ମୁମ୍ବାଇର ଏକ କୋରିୟର କମ୍ପାନୀରୁ କହୁଛି ବୋଲି କହିଥିଲେ। ସନ୍ତୋଷଙ୍କ ନାମରେ ଏକ ପାର୍ସଲ ଆସିଛି ଏବଂ ତାହା ବିଦେଶରୁ ବୁକ ହୋଇଛି। ସେଥିରେ କିଛି ବେଆଇନ ନିଶା ଦ୍ରବ୍ୟ, ୫ଟି ପାସପୋର୍ଟ, ଲାପଟପ ଆଦି ରହିଛ। ତେଣୁ ଏହି କଲଟିକୁ ମୁମ୍ବାଇ କ୍ରାଇମବ୍ରାଞ୍ଚକୁ ଟ୍ରାନ୍ସଫର କରାଯାଇଛି ଏବଂ ସେଠାକାର ଅଧିକାରୀ ତାଙ୍କୁ ଜେରା କରିବେ ବୋଲି କୁହାଯାଇଥିଲା। ପରେ ସାଇବର ଠକମାନେ ନକଲି ସିବିଆଇ ଅଧିକାରୀ, ଆଇପିଏସ ଅଧିକାରୀ ସାଜି ସନ୍ତୋଷଙ୍କୁ ଭିଡିଓକଲରେ ଜେରା କରିଥିଲେ। ସନ୍ତୋଷଙ୍କ ନାଁରେ ଏକ ଏଚଡିଏଫସି ଆକାଉଣ୍ଟ ରହିଛି ଯେଉଁଥିରେ ବେଆଇନ କାର୍ଯ୍ୟକଳାପ ଜରିଆରେ ବିଦେଶରୁ ବିପୁଳ ଟଙ୍କା ନେଣଦେଣ ହୋଇଛି ବୋଲି ତାଙ୍କୁ ଭୟଭୀତ କରି ଏଥିପାଇଁ ପ୍ରଚୁର ଟଙ୍କା ଜମା କରିବାକୁ ପଡିବ ବୋଲି କହିଥିଲେ। ସାଇବର ଠକମାନେ ସାଇକ୍ରିଷ୍ଟା ଟ୍ରେଡର୍ସ ନାମରେ ଥିବା ଏକ ବ୍ୟାଙ୍କ ଆକାଉଣ୍ଟ ଦେଇ ସେଥିରେ ଟଙ୍କା ଜମା କରିବା ପରେ ଆରବିଆଇ ପକ୍ଷରୁ କ୍ଲିୟରାନ୍ସ ମିଳିବ ବୋଲି କହିଥିଲେ। ସେହିକ୍ରମରେ ସନ୍ତୋଷ ବ୍ରହ୍ମପୁରର ଏକ ଷ୍ଟେଟବ୍ୟାଙ୍କକୁ ଯାଇ ୨୬ ଲକ୍ଷ ୧୦ ହଜାର ୫୧୫ ଟଙ୍କା ଜମା କରି ଠକେଇର ଶିକାର ହୋଇଥିଲେ।

## ଜ୍ଞାନକୁ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରୟୋଗ କରିବା ଉଚିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୮।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷ ଠାରେ ବୁଧବାର ଅପରାହ୍ନରେ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ଓଡିଶା ସିଏସଆର ଫୋରମ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶକ୍ରମେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆବାହକ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ସଦାନନ୍ଦ ନାୟକ ଯୋଗଦେଇ ଆଧ୍ୟାତ୍ମିକ ସଚେତନତାର ମୂଲ୍ୟବୋଧ ଓ ଯୁବ ପିଢ଼ି ନିମନ୍ତେ ଏଭଳି ମାର୍ଗ ଦର୍ଶନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜ୍ଞାନଗୁରୁ ତଥା ମାଗଦର୍ଶକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶ୍ରେୟ ଓ ପ୍ରେୟ ମଧ୍ୟରେ ଜୀବନଚର୍ଯ୍ୟା ଶୀର୍ଷକକୁ କେନ୍ଦ୍ରକରି ସୁଚରିତ୍ର ଗଠନ, ସଂସ୍କାର ଏବଂ ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ବିଭିନ୍ନ ଉଦାହରଣ ଦେଇଥିଲେ। ତାହାସହ ଛାତ୍ରୀଛାତ୍ର ଯେଉଁ ଜ୍ଞାନ ଅର୍ଜନ କରୁଛନ୍ତି ଅର୍ଥ ଉପାର୍ଜନ କରିବା ସହ ସେବା ମନୋବୃତ୍ତି ଧରି ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରୟୋଗ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଶିବ ପ୍ରସାଦ ଦାଶ, ମିନତୀ ରଥ, ସତୀଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସିଏସଆର ଫୋରମର ସଂଯୋଜକ ସୁକାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏଥିରେ ବିଭିନ୍ନ ବିଭାଗର ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମୁକୁଳା ଡ୍ରେନରେ ଭାସି ଛାତ୍ର ମୃତ୍ୟୁ ଘଟଣା

## ସହକାରୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର,୨୮।୮(ସ୍ମୃତି ରଞ୍ଜନ ମହାଳିକ) ବ୍ରହ୍ମପୁର ମହାନଗର ନିଗମ (ବିଏମସି) ୨ନଂ ୱାର୍ଡର ଲକ୍ଷ୍ମୀ ନୃସିଂହ ସାହି ୧୪ ଲେନରେ ମୁକୁଳା ଡ୍ରେନରେ ଭାସିଯାଇ ଗତ ୨୧ ତାରିଖ ସନ୍ଧ୍ୟାରେ ସାଇରାମ ପାତ୍ର (୧୧) ନାମକ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବିଏମସି ପକ୍ଷରୁ ବୁଧବାର ସହକାରୀ ଯନ୍ତ୍ରୀ ମିଥିଲେଶ ରଞ୍ଜନ ରଥଙ୍କୁ କମିଶନର ଭବାନୀ ପ୍ରସାଦ ମିଶ୍ର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୪୮ ଘଣ୍ଟା ମଧ୍ୟରେ ନୋଟିସର ଉତ୍ତର ରଖିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁକୁଳା ଡ୍ରେନ ଗୁଡିକୁ ଚିହ୍ନଟ କରି ବ୍ୟାରିକେଡ ଓ ସତର୍କ ସୂଚନା ଫଳକ ଲଗାଇବା ପାଇଁ ବର୍ଷା ପୂର୍ବରୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ବର୍ଷା ପୂର୍ବରୁ କାର୍ଯ୍ୟ ସରି ନ ଥିଲା। ଜୁନ ୨୪ ତାରିଖରେ ନିଗମ ପକ୍ଷରୁ ନିର୍ଦ୍ଦେଶ ଜାରି ପରେ ୨୭ ତାରିଖରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ୨୮ ତାରିଖରେ ଠିକା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାନଯିବାରୁ ଅଘଟଣ ଘଟିଲା ବୋଲି ନୋଟିସରେ ଉଲ୍ଲେଖ ରହିଛି।

## ବିଷାକ୍ତ ମଦ ଘଟଣା, ଗିରଫ ସଂଖ୍ୟା ୧୬ ହେଲା

ଚିକିଟି,୨୮।୮(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ସରକଟ ଗ୍ରାମର ସୁଦାମ ମଲ୍ଲିକ। ଘଟଣା ପରଠାରୁ ସୁଦାମ ଫେରାର ଥିଲେ। ବୁଧବାର କେ ନୂଆଗାଁ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଷାକ୍ତ ମଦ ଘଟଣାରେ ସୁଦାମଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ୧୬ ଜଣ ଜଣ ଗିରଫ ହେଲେଣି।

ଗତ ୧୯ ତାରିଖରେ ମାଉନ୍ଦପୁର ଗ୍ରାମରେ ମଦ ପିଇ ୨୩ ଜଣ ଅସୁସ୍ଥ ହେବା ପରେ କେ ନୂଆଗାଁ ପୋଲିସ ଓ ଚିକିଟି ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚୋରା ମଦ କାରବାର ଉପରେ ଚମାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ଗିରଫ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ କେ ନୂଆଗାଁ ପୋଲିସ ୧୦ଜଣଙ୍କୁ ସ ଅବକାରୀ ବିଭାଗ ୬ଜଣଙ୍କୁ ଗିରଫ କରିଛି। କେ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ଏହିଭଳି ଚଢ଼ାଉ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।

## ଜେସିବି ମେଶିନ୍ ଜାଳିଦେଲେ ଦୁର୍ବୃତ୍ତ

ଗୋପାଳପୁର,୨୮।୮(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅଞ୍ଚଳରେ ମଙ୍ଗଳବାର ଭୋରରେ ଏକ ଜେସିବିକୁ ଦୁର୍ବୃତ୍ତମାନେ ପୋଡି ଦେଇଛନ୍ତି। ଏନେଇ ଜେସିବି ମାଲିକ ଥାନାରେ ଅଭିଯୋଗ କରିଛନ୍ତି। କେ.ନୂଆଗାଁ ଥାନା ଅଧୀନ ତେନ୍ତିଆପଡ଼ା ଗ୍ରାମର ଦଣ୍ଡସୀ ପାଣିଗ୍ରାହୀ ତାଙ୍କ ଜେସିବିକୁ ନେଇ ସୋମବାର କନିସି ତହସିଲ ଅଧୀନ ଦୁବପୁଲ୍ଲୀ ମୌଜା ଅଞ୍ଚଳ ସମତଳ କରି ଫେରିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗ୍ରାମ ନିକଟରେ ରଖିଥିଲେ। ସେଠାରେ କେତେଜଣ ଦୁର୍ବୃତ୍ତ ଜେସିବିରେ ନିଆଁ ଲଗାଇଥିଲେ। ମଙ୍ଗଳବାର ଦଣ୍ଡସୀ ମେକାନିକଙ୍କୁ ଧରି ଆସିବା ବେଳେ ଜେସିବି ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କୁ ଅପହରଣ, ବଳାତ୍କାର: ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୮।୮(ଅଶେଷ ନାଥ ମିଶ୍ର): ଜଣେ ଦୃଷ୍ଟିବାଧିତ ଯୁବତୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଦିଗପହଣ୍ଡି ପୋଲିସ ବୁଧବାର ଜରଡ଼ା ଥାନା ଅନ୍ତର୍ଗତ ଜରଡା ଗ୍ରାମ ବଜାରସାହିର ବି. ତ୍ରିପତି ରେଡ୍ଡୀଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨୧ ତାରିଖରେ ଅଭିଯୁକ୍ତ ତ୍ରିପତି ଦିଗପହଣ୍ଡି ବ୍ଲକ ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ଗାଁରୁ ବାଇକରେ ଅପହରଣ କରି ବ୍ରହ୍ମପୁର ନେଇ ନୂଆ ବସଷ୍ଟାଣ୍ଡରେ ଥିବା ଏକ ଲଜିଂରେ ରହିଥିଲେ। ପରେ ତାଙ୍କୁ ବିବାହ ପ୍ରତିଶ୍ରୁତିଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ପରଦିନ ତ୍ରିପତି ତାଙ୍କୁ ବାଇକରେ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ନେଇଥିଲେ। ସେଠାରୁ ଟ୍ରେନ ଯୋଗେ ବିଜୟନଗରମ ନେଇ ଏକ ଘରେ ରଖିଥିଲେ। ସେଠାରେ ଚିଙ୍ଗୁଡି ଫାର୍ମରେ କାମ କରୁଥିବା ଜଣେ ଯୁବତୀ ରହୁଥିଲେ। ତାଙ୍କ ସହ ଅଭିଯୁକ୍ତଙ୍କ ଶାରୀରିକ ସମ୍ପର୍କ ଥିବା ଜାଣିବା ପରେ ପୀଡ଼ିତା ମୋବାଇଲ ଫୋନ୍‌ରେ ବାପାଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ବାପା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୋଲିସ ଘଟଣାର ତଦନ୍ତ କରି ରବିବାର ଅଭିଯୁକ୍ତଙ୍କ ବିରୋଧରେ ମାମଲା (ନଂ.୩୩୦/୨୪) ରୁଜୁ କରିଥିଲା। ଘଟଣାର ପ୍ରାୟ ୮ ମାସ ପୂର୍ବେ ଯୁବତୀଙ୍କ ଘରକୁ ଯାଇ ତାଙ୍କୁ ବିବାହ କରିବା ନିମନ୍ତେ ପରିବାର ଲୋକଙ୍କୁ କହିଥିଲେ। ସେ କୌଶଳକ୍ରମେ ଯୁବତୀଙ୍କ ମୋବାଇଲ ଫୋନ ନମ୍ବର ସଂଗ୍ରହ କରି ନେଇଥିଲେ। ତାଙ୍କୁ ପ୍ରତିଦିନ ଫୋନ କରି ସମ୍ପର୍କ ବଢ଼ାଇଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କ କଥାରେ ପ୍ରଲୋଭିତ ହୋଇ ଯୁବତୀ ଜଣକ ଘରୁ ପ୍ରାୟ ୬୦ ହଜାର ଟଙ୍କା, ୪ ଟି ସୁନା କାନଫୁଲ, ୨ଟି ରୁପା ପାଉଁଜି ଏବଂ ଡ୍ରେସ୍ ଧରି ଯାଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି।

# ବ୍ରଜନଗର ଟାୱାର ଲାଇନ ରାସ୍ତା ମରାମତି ନ ହେଲେ ଧାରଣା

ବ୍ରହ୍ମପୁର,୨୮।୮(ସ୍ମୃତି ରଞ୍ଜନ ମହାଳିକ)



ବ୍ରଜନଗର ଟାୱାର ଲାଇନ ରାସ୍ତା କଦର୍ଯ୍ୟ।

ବ୍ରଜନଗର ଟାୱାର ଲାଇନ ରାସ୍ତା ମରାମତି ଦାବି ନେଇ ବୁଧବାର ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଏମସି ଅତିରିକ୍ତ କମିଶନର ରୋନିତ କୁମାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ କମିଟି ପକ୍ଷରୁ ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଅତିରିକ୍ତ କମିଶନର କହିଥିଲେ ଯେ, ଟେଣ୍ଡର ନେଇଥିବା ଠିକାଦାରଙ୍କୁ ଚୁକ୍ତିନାମା ପାଇଁ ଡକାଯାଇଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉକ୍ତ ଠିକାଦାର ଇଚ୍ଛାପତ୍ର ଦାଖଲ କରିବାରେ ବିଫଳ ହେବାରୁ ଦ୍ୱିତୀୟ ସ୍ଥାନରେ ଥିବା ଠିକାଦାରଙ୍କୁ ନିମନ୍ତ୍ରଣ କରିବାକୁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ କୁହାଯାଇଥିବା ସେ କହିଥିବା କମିଟି କହିଛି। ଯଦି ଏଲ-୨ ରାଜି ନ ହୁଏ ତେବେ ପୁନଃ ଟେଣ୍ଡର କରାଯିବ ବୋଲି କମିଶନର କହିଥିଲେ। ସୂଚନାଯୋଗ୍ୟ ଯେ, କମିଟି ପକ୍ଷରୁ ବାରମ୍ବାର ଆନ୍ଦୋଳନ ପରେ ବିଏମସି ପକ୍ଷରୁ ଉକ୍ତ ରାସ୍ତାର ସର୍ଭେ ଓ ଅନ୍ୟାନ୍ୟ ପ୍ରଶାସନିକ ଆନୁସଙ୍ଗିକ ପ୍ରସ୍ତୁତି ପରେ ରାସ୍ତା ନିର୍ମାଣ ନେଇ ଏଷ୍ଟିମେଟ କରି ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଟେଣ୍ଡର ବାହାର କରିବା ସତ୍ତ୍ୱେ ଦୀର୍ଘ ଦିନ ଧରି କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଆନ୍ଦୋଳନ ଓ ଚାପ ପରେ ନିର୍ବାଚନ ଆଚରଣ ବିଧି ପୂର୍ବରୁ ତତ୍କାଳୀନ ବିଧାୟକ, ଏମପି ଓ ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ଭୂମି ପୂଜନ ସହ ଫଳକ ସ୍ଥାପିତ ହୋଇଥିଲା। କିନ୍ତୁ ଅଦ୍ୟାବିଧି ରାସ୍ତାର ଅବସ୍ଥା ପୂର୍ବବତ ଭଳି ରହିଥିବା କମିଟି ଅଭିଯୋଗ କରିଛି। ଏଣୁ ଦାବି ପୂରଣ ନ ହେଲେ ଗଣଧାରଣା ଦିଆଯିବ ବୋଲି କମିଟି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି.ସୁଦେଶ ପାତ୍ର ଓ ସାଧାରଣ ସଂପାଦକ ଡ. ଶିବ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅପହରଣ, ଥାନାରେ ମାମଲା

ଗୋପାଳପୁର,୨୮।୮(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀଙ୍କୁ ସହପାଠୀ ଜଣକ ଅପହରଣ କରିଥିବା ବୁଧବାର ଅଭିଯୋଗ ହୋଇଛି। ଆନ୍ଧ୍ର ପ୍ରଦେଶ ରାଜ୍ୟର ତାଲେପେଲ୍ଲାମା ଅଞ୍ଚଳର ଏକ ପରିବାର କିଛି ମାସ ହେଲା କନିଷି ହାଟ ଅଞ୍ଚଳରେ ଘର ଭଡାରେ ରହୁଥିବା ବେଳେ ନାବାଳିକା ଝିଅ ଜଣକ ବ୍ରହ୍ମପୁରର ଏକ ସରକାରି ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢୁଥିଲେ। ଗତ ସୋମବାର ନାବାଳିକା ଜଣଙ୍କ ମହାବିଦ୍ୟାଳୟ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ବର୍ଗ ଖୋଜା ଖୋଜି କରିବା ସତ୍ତ୍ୱେ କୌଣସି ପତ୍ତା ପାଇନଥିଲେ। ନାବାଳିକାଙ୍କ ମା' ଗୋଳନ୍ଥରା ଝିଅକୁ ବ୍ରହ୍ମପୁର ଅଞ୍ଚଳର ଜଣେ ସହପାଠୀ ଅପହରଣ କରିଥିବା ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ ୩୪୬/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

